# ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା. ୬୮୭/ସୂ.ଲୋ.ସଂ. ତା. ୨୬/୭/୨୧

## ଢେଙ୍କାନାଳ ଜିଲ୍ଲାର କୋଭିଡ ପରିଚାଳନା ବ୍ୟବସ୍ଥା ଓ ସ୍ଥିତି ସମୀକ୍ଷା

ଢେଙ୍କାନାଳ, ତା. ୨୬.୦୭.୨୦୨୧-

ଆଜି ଜିଲ୍ଲା କାର୍ଯ୍ୟାଳୟସ୍ଥ ଓସୱାନ ହଲଠାରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ଜିଲ୍ଲାର କୋଭିଡ ପରିଚାଳନା ବ୍ୟବସ୍ଥା ଓ ସ୍ଥିତି ସମୀକ୍ଷା କରିଛନ୍ତି । ସମ୍ପ୍ରତି ଜିଲ୍ଲାରେ କୋରନା ପଜିଟିଭିଟି ସଂଖ୍ୟା ପ୍ରାୟ ସ୍ଥିର ରହୁଥିବାରୁ, ସଂକ୍ରମଣ ଯେପରି ବୃଦ୍ଧି ନ ଘଟେ ସେଥି ପାଇଁ ଆଶା, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି କୋଭିଡ ଲକ୍ଷଣ ଯୁକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କର ଟେଷ୍ଟିଙ୍ଗ କରାଇବା ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମସ୍ତ ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନିୟମିତ ଭାବେ ଆଣ୍ଟିଜେନ ଏବଂ ଆରଟି ପିସିଆର ଟେଷ୍ଟ ହେଲେ ସଂକ୍ରମିତ ମାନଙ୍କର ଚିହ୍ନଟ ହେବା ସହିତ ସଂକ୍ରମଣକୁ ରୋକାଯାଇ ହ୍ରାସ କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି । କରୋନା ପଜିଟିଭ ଚିହ୍ନଟ ହେଲେ ସେମାନଙ୍କୁ ହୋମ ଆଇସୋଲସନରେ ରଖିବାକୁ ପରାମର୍ଶ ଦେବା ସହ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନିୟମିତ ଭାବେ ଯାଞ୍ଚ କରିବାକୁ କହିଛନ୍ତି । ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଖରାପ ଆଡକୁ ଗତି କଲେ ଆର. ଆର. ଟିମ ସେମାନଙ୍କୁ ଚିକିତ୍ସା ନିମନ୍ତେ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତରଣ କରିବାକୁ କହିଛନ୍ତି । ସଂକ୍ରମଣ ହାର କମିଲେ ଆଗାମୀ ଦିନରେ ଆସିବାକୁ ଥିବା କରୋନାର ତୃତୀୟ ଲହରକୁ ସହଜରେ ମୁକାବିଲା କରାଯାଇପାରିବ । ଏଣୁ, କୋଭିଡ ପ୍ରୋଟୋକଲ ମାନି ନିଶ୍ଚିତ ଭାବେ ମାସ୍କପିନ୍ଧି, ସାମାଜିକ ଦୂରତା ଅନୁପାଳନ ପୂର୍ବକ ଜୀବନ ଜୀବିକା ନିର୍ବାହ କରିବାକୁ ଜନସାଧାରଣ ଏବଂ ବ୍ୟବସାୟୀମାନେ ବିଶେଷ ଧ୍ୟାନ ଦେବାକୁ କହିଛନ୍ତି । ଜିଲ୍ଲାର ସହର ତଥା ଗ୍ରାମାଞ୍ଚଳର ଗହଳି ପୂର୍ଣ ସାପ୍ତାହିକ ହାଟ, ଦୈନିକ ହାଟ ଆଦିରେ କୋଭିଡ ପ୍ରୋଟୋକଲ ନିୟମ, ମାସ୍କ ପରିଧାନ, ସାମାଜିକ ଦୂରତା ଅନୁପାଳନକୁ କଡାକଡି ଭାବେ ଯାଞ୍ଚ କରିବାକୁ ଏବଂ ଏହାର ଉଲଂଘନ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଛନ୍ତି । ଖୋଲା ଯାଇଥିବା ସ୍କୁଲ, କଲେଜ ଗୁଡିକୁ ଯାଇ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟର ଯାଞ୍ଚ କରିବାକୁ ଉପଜିଲ୍ଲାପାଳ, ବିଡିଓ, ତହସିଲଦାରମାନଙ୍କୁ ସେ କହିଛନ୍ତି । ଚିକିତ୍ସାଳୟ ଗୁଡିକରେ ଟୀକାକରଣ ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ହୁଏ ସେଥି ପ୍ରତି ଯତ୍ନବାନ ହୋଇ, ଏହାକୁ ବ୍ୟବସ୍ଥିତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ଏହି ଭିସି ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା,ଉପଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତା ରାଣୀ ମିଶ୍ର, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅତନୁ କୁମାର ସାମନ୍ତ, ଆପତ କାଳୀନ ଅଧିକାରୀ ଶ୍ରୀ ଶଶାଙ୍କ ଶେଖର ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ